AOUBEA

# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧମରେ BEFI ସହ, ଅନୁବନ୍ଧିତ), *ସ୍ଥାପିତ* - ୦୭-୦୮-୧୯୭୭
*ରେଜିଷ୍ଟ୍ରେସନ ନଂ.* - ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)
*କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫
*e-mail :-* aoubea@gmail.com, ୱେବ ସାଇଟ୍ www.aoubea.org

*ପରିପତ୍ର ସଂଖ୍ୟା :-* ୨୧-୨୦୧୮ — ଭୁବନେଶ୍ୱର

***ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,***

## ଅଲ୍ ଓଡିଶା ବ୍ୟାଙ୍କ ଏମ୍ପ୍ଲୋଇଜ୍ ଫେଡେରେସନ୍‌ର ୯ମ ସମ୍ମିଳନୀ

**ସାଥୀଗଣ,**

ଆସନ୍ତା ଅକ୍ଟୋବର ୧୩ ଓ ୧୪ ତାରିଖ ଦୁଇଦିନ ଧରି ଓଡିଶାର ଐତିହାସିକ ସହର କଟକ ଠାରେ AOBEF ର ୯ମ ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହାକୁ ସମ୍ପୂର୍ଣ୍ଣ ଭାବେ ସଫଳ କରିବା ପାଇଁ AOBEF ର ଏକ ଅନୁବନ୍ଧିତ ସଂଗଠନ ଭାବେ ଆମ ସଂଗଠନ AOUBEA ର ଗୁରୁଦାୟିତ୍ୱ ଅଛି ।

ତେଣୁ ଗତ ୨ ତାରିଖ କାର୍ଯ୍ୟନିର୍ବାହୀ ସଭାର ନିଷ୍ପତ୍ତି ଅନୁସାରେ ଆମ ସଂଗଠନରୁ ୧୭ ଜଣ ପ୍ରତିନିଧି ଓ ୧୭ ଜଣ ପର୍ଯ୍ୟବେକ୍ଷକ ଯିବା ପାଇଁ ସ୍ଥିର କରାଯାଇଛି ।

କିନ୍ତୁ ପର୍ଯ୍ୟବେକ୍ଷକ ମାନଙ୍କ ମଧରେ ଅଧିକ ସଂଖ୍ୟକ ମହିଳା ସାଥୀମାନଙ୍କୁ ସ୍ଥାନ ଦେବା ପାଇଁ ସ୍ଥିର ହୋଇଛି । AOBEF ର ସାଧାରଣ ସମ୍ପାଦକଙ୍କ ନୋଟିସ୍ ଅନୁସାରେ କଟକ କଳାବିକାଶ କେନ୍ଦ୍ରରେ ହେବାକୁ ଥିବା ୯ମ ସମ୍ମିଳନୀର ୧୩ ଓ ୧୪ ଦୁଇଦିନିଆ କାର୍ଯ୍ୟକ୍ରମ ନିମ୍ନମତେ ସ୍ଥିର କରାଯାଇଛି ।

1. Inaugural Session
2. Adoption of the General Secretary Report
3. Adoption of Resolutions.
4. Amendment of Constitution if any.
5. Election of office bearers committee members + G.C. Members
7. Any other matter with the permission of chair.

ଖୋଲା ଅଧିବେଶନ ଅର୍ଥାତ୍ ୧୩ ତାରିଖ ଦିନ ଭାରତ ବର୍ଷର ଅନ୍ୟତମ ଅର୍ଥନୀତିଜ୍ଞ ଡ. ପ୍ରଭାତ ପଟ୍ଟନାୟକ ବକ୍ତବ୍ୟ ରଖିବେ । ତେଣୁ ଆମ ସଂଗଠନର କଟକ ଓ ଭୁବନେଶ୍ୱରର ସମସ୍ତ ସାଥୀ ଓ ପାଖାପାଖି ଶାଖା ମାନଙ୍କରୁ ସମସ୍ତ ସାଥୀମାନଙ୍କୁ ଉକ୍ତ ଅଧିବେଶନରେ ଯୋଗ ଦେବାକୁ ଅନୁରୋଧ । ଯେଉଁ ସାଥିମାନେ ଆଗଦିନ ଅର୍ଥାତ ୧୨ ତାରିଖ ରାତିରେ ପହଞ୍ଚିବେ ସେମାନେ ଆମ ସଭାପତି ସାଥି ଉପେନ୍ଦ୍ର ମହାନ୍ତି ଙ୍କୁ ଯୋଗାଯୋଗ କରିବେ ।

ଗତ ଭୁବନେଶ୍ୱରଠାରେ ହୋଇଥିବା ୮ମ ସମ୍ମିଳନୀଠାରୁ ୯ମ ସମ୍ମିଳନୀ ମଧରେ ଭାରତ ବର୍ଷର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ଏକ ବିରାଟ ବିପଦ ଆଡକୁ ଗତି କରୁଛି । ବିଶେଷକରି ଯାତୀୟ କରଣ ବ୍ୟାଙ୍କ ଗୁଡିକ ଉପରେ ଯେପରି ଭାବେ ଆକ୍ରମଣ ଆସୁଛି ତାହାକୁ ପ୍ରତିହତ କରିବା ପାଇଁ ଏ ସମ୍ମିଳିନୀ ନିଶ୍ଚିତ ରୂପେ ଗୁରୁତ୍ୱପୂର୍ଣ୍ଣ ସାକ୍ଷର ବହନ କରିବ ।

ଗତ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେନ୍ଦ୍ରରେ ବିଜେପି ନେତୃତ୍ୱାଧିନ NDA ସରକାର ଶାସନ କରୁଛି । ଆଛାଦିନର ସପ୍ନ ଦେଖାଇ କ୍ଷମତାସୀନ ସରକାର ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି, ଅହେତୁକ ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ଓ ମୁଦ୍ରାସ୍ଫୀତି ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଅପର ପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ଅରୁଣ ଜେଟଲିଙ୍କ ଘରୋଇକରଣ ଓ ବ୍ୟାଙ୍କ ମିଶ୍ରଣ ତଥା କର୍ମଚାରୀ ବିରୋଧି ନୀତି ସ୍ପଷ୍ଟ ହେବାରେ ଲାଗିଛି ।

ଏହି ଶ୍ରମିକ ବିରୋଧୀ, ଜନବିରୋଧୀ ନୀତି ବିରୁଦ୍ଧରେ ଜନ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି ।

ତେଣୁ ଆପଣମାନଙ୍କୁ ଅନୁରୋଧ AOBEF ର ଏହି ସମ୍ମିଳନୀ କୁ ସଫଳ କରିବା ସହିତ ସମ୍ମିଳନୀର ବାର୍ତ୍ତାକୁ ସାଧାରଣ କର୍ମଚାରୀଙ୍କ ପାଖରେ ପହଁଚାଇ ପାରିଲେ ଆଗାମୀ ଦିନରେ ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ ସଫଳ ହେବ ବୋଲି ଆଶା ଓ ବିଶ୍ୱାସ ।

ସଂଗ୍ରାମୀ ଅଭିନନ୍ଦନର ସହ

ସାଧାରଣ ସମ୍ପାଦକ